# ଓଡ଼ିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ

## ସତ୍ରାନ୍ତ ପରୀକ୍ଷା, ଡିସେମ୍ବର-୨୦୧୬

ପ୍ରଥମ ସେମିଷ୍ଟାର | ପ୍ରଥମ ପତ୍ର : ବର୍ଣ୍ଣ ପରିଚୟ

ସମୟ – **୩ ଘଣ୍ଟା** | ପୂର୍ଣ୍ଣ ସଂଖ୍ୟା -**୧୦୦**

---

ଯଥା ନିର୍ଦ୍ଦେଶ ଉତ୍ତର ଦିଅ ।

‘କ’ ବିଭାଗ

**୧. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଲେଖ । ପ୍ରତ୍ୟେକଟିର ଉତ୍ତର ଏକଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** (୫ x ୪=୨୦)

କ) ବ୍ୟଞ୍ଜନ ବର୍ଣ୍ଣ କାହାକୁ କୁହାଯାଏ ? ପାଞ୍ଚଟି ବ୍ୟଞ୍ଜନ ବର୍ଣ୍ଣର ଦୃଷ୍ଟାନ୍ତ ଦିଅ ।

ଖ) ଓଡ଼ିଆରେ ହ୍ରସ୍ୱ ସ୍ୱର କ’ଣ ? ଉଦାହରଣ ଦେଇ ବୁଝାଅ ।

ଗ) ତଦ୍‌ଭବ ଶବ୍ଦ କହିଲେ କ’ଣ ବୁଝ ? ଉଦାହରଣ ସହ ଉଲ୍ଲେଖ କର ।

ଘ) ଓଡ଼ିଆ ବର୍ଣ୍ଣମାଳା କେତେ ଭାଗରେ ବିଭକ୍ତ ? ବୁଝାଇ ଲେଖ ।

ଙ) ଶବ୍ଦ କେତେ ପ୍ରକାରର ? ଉଦାହରଣ ସହ ଲେଖ ।

ଚ) ଓଡ଼ିଆ ବର୍ଣ୍ଣମାଳା ମାନଙ୍କର କେଉଁସବୁ ଉଚ୍ଚାରଣ ସ୍ଥାନ ରହିଛି ବୁଝାଇ ଲେଖ ।

ଛ) ତୁଳନାତ୍ମକ ବିଶ୍ଳେଷଣ କହିଲେ କ’ଣ ବୁଝ ? ବୁଝାଇ ଲେଖ ।

‘ଖ’ ବିଭାଗ

**୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ । ପ୍ରତ୍ୟେକଟିର ଉତ୍ତର ଦୁଇଶହ ପଚାଶ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** (୧୦ x ୨= ୨୦)

କ) ସର୍ବନାମ କହିଲେ ତୁମେ କ’ଣ ବୁଝ ? ସର୍ବନାମ କେତେ ପ୍ରକାରର ଓ କ’ଣ କ’ଣ ?

ଖ) ଲିଙ୍ଗ କ'ଣ ? ଏହା କେତେ ପ୍ରକାରର ? ଉଦାହରଣ ସହ ବୁଝାଇ ଲେଖ ।

ଗ) ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ଉପସର୍ଗଗୁଡ଼ିକ କ'ଣ କ'ଣ ? ବୁଝାଇ ଲେଖ ।

ଘ) ସମାସ କାହାକୁ କୁହାଯାଏ ? ଏହା କେତେ ପ୍ରକାରର ?

ଙ) ଦ୍ୱିଗୁ ସମାସ କ'ଣ ? ଉଦାହରଣ ସହ ବୁଝାଅ ।

## 'ଗ' ବିଭାଗ

**୩. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । ପ୍ରତ୍ୟେକଟି ଉତ୍ତର ପାଞ୍ଚଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** (୨୦ x ୩ = ୬୦)

କ) ବର୍ଣ୍ଣ କେତେ ଭାଗରେ ବିଭକ୍ତ ? କ'ଣ କ'ଣ ? ପ୍ରତ୍ୟେକ ଭାଗରୁ ପାଞ୍ଚଟି ଲେଖାଏଁ ଉଦାହରଣ ଦେଇ ବୁଝାଅ ।

ଖ) ତତ୍‌ସମ, ତଦ୍‌ଭବ, ଦେଶଜ ଓ ଆହୃତ ଶବ୍ଦ କହିଲେ କ'ଣ ବୁଝ ? ପ୍ରତ୍ୟେକଟିରୁ ପାଞ୍ଚଟି ଲେଖାଏଁ ଉଦାହାରଣ ଦିଅ ।

ଗ) ବିଶେଷଣ କାହାକୁ କୁହାଯାଏ ? ଏହା କେତେ ପ୍ରକାରର ? ଉଦାହରଣ ସହ ଲେଖ ।

ଘ) ଅବ୍ୟୟୀଭାବ ଓ ବହୁବ୍ରୀହି ସମାସ କ'ଣ, ଉଦାହରଣ ସହ ଲେଖ ।

ଙ) ସନ୍ଧି କ'ଣ ? ଏହା କେତେ ପ୍ରକାରର ? ଉଦାହରଣ ଦେଇ ବୁଝାଅ ।

=୦=